ପ୍ରମେୟ
THE PRAMEYA

21st Oct, 2021

ଆଇଆଇଟିର ଦଶମ ସମାବର୍ତ୍ତନ ଉତ୍ସବ

ଦେଶ ସମୃଦ୍ଧି ଲାଗି ଆଇଆଇଟିଆନ୍ ସମର୍ପିତ ହୁଅନ୍ତୁ

ସମାବର୍ତ୍ତନ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ

ଗୋଲ୍ଡ ମେଡାଲିଷ୍ଟ୍ ଦିନେଶ ମହାନ୍ତି

ଡିଗ୍ରୀଧାରୀ ଛାତ୍ରଛାତ୍ରୀ

ଜଟଣୀ,୨୦।୧୦(ଆପ୍ଲ): ବିଜ୍ଞାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆମ ଦେଶ ଅନେକ ଉନ୍ନତି କରିଛି। ମହାକାଶକୁ ଯାତ୍ରାକରିବା ସହ ରକେଟ୍ ଓ ଉପଗ୍ରହ ପଠାଇ ଅନେକ ସଫଳତା ହାସଲ କଲୁଣି। ଆନ୍ତର୍ଜାତିକ ସ୍ତରର ସଫ୍‌ଟୱେର ଶିଳ୍ପ ପ୍ରତିଷ୍ଠ ସହ ଏହି ସ୍ତରର ବୈଜ୍ଞାନିକ, ଇଞ୍ଜିନିୟର ଓ ଅର୍ଥନୀତିଜ୍ଞ ତିଆରି କରିପାରିଛୁ। ହେଲେ ଏପର୍ଯ୍ୟନ୍ତ ଆମେ ବାରିଦ୍ୟ ଓ ଶିରଜରଜରୁ ମୁକ୍ତି ପାଇପାରିନୁ ବୋଲି ଇନ୍‌ଫୋସିସ୍‌ର ପ୍ରତିଷ୍ଠାତା ଏନ୍.ଆର୍. ନାରାୟଣ ମୂର୍ତ୍ତି କହିଛନ୍ତି। ଜଟଣୀସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି(ଆଇଆଇଟି)ର ୧୦ମ ସମାବର୍ତ୍ତନ ଉତ୍ସବରେ ଶ୍ରୀ ମୂର୍ତ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଥିଲେ।

ସେ କହିଲେ, ଜାତିର ପିତା ମହାତ୍ମା ଗାନ୍ଧିଙ୍କ ସ୍ୱପ୍ନର ଭାରତ ଗଢ଼ିବାକୁ ଆମେ ଚେଷ୍ଟିତ। ଯେଉଁଠି ସାଧାରଣ ନାଗରିକଟିଏ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥିକ କ୍ଷେତ୍ରରେ ପ୍ରଗତି ହାସଲ କରିପାରିବ। ଆମେ ରାଜନୈତିକ ସ୍ୱାଧୀନତା ପାଇଛୁ। ହେଲେ ଦାରିଦ୍ୟ ଓ ନିରକ୍ଷରତାରୁ ସ୍ୱାଧୀନ ହୋଇନୁ। ଏପରି ସାଧାରଣ ନାଗରିକମାନଙ୍କ ଦୁଃଖ ଦୂର କରିବା କ୍ଷେତ୍ରରେ ଆଇଆଇଟିଆନ୍‌ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦେଶର ସମୃଦ୍ଧି କ୍ଷେତ୍ରରେ ପ୍ରତ୍ୟେକ ଆଇଆଇଟିଆନ୍ ନିଜକୁ ସମର୍ପିତ କରିବାକୁ ସେ ଆହ୍ୱାନ ଦେଇଥିଲେ।

ଡିଗ୍ରୀ ଲାଭ କଲେ ୫୫୯ ଛାତ୍ରଛାତ୍ରୀ

ଏହାକୁ ସେମାନେ କର୍ତ୍ତବ୍ୟ ଭାବେ ଗ୍ରହଣ କଲେ ଏହା ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ।

ଆଇଆଇଟି ବୋର୍ଡ ଅଫ୍ ଗଭର୍ଣ୍ଣସ୍‌ର ଚେୟାରମ୍ୟାନ୍ ଡକ୍ଟର ରାଜେନ୍ଦ୍ରପ୍ରସାଦ ସିଂ ଉତ୍ସବରେ ପୌରୋହିତ୍ୟ କରିଥିଲେ। ନିର୍ଦ୍ଦେଶକ ପ୍ରଫେସର ଆର୍‌ଭି ରାଜାକୁମାର ରିପୋର୍ଟ ପାଠ କରି ଆଇଆଇଟି ଦ୍ୱାରା ହୋଇଥିବା ଅନେକ ଉଲ୍ଲେଖନୀୟ ଗବେଷଣା ଓ ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ୫୫୯ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା ।

ଏଥିରେ ୩୫ ପିଏଚ୍‌ଡି, ୧୫୩ ଏମ୍‌ଟେକ୍, ୭୯ ଏମ୍‌ଏସ୍‌ସି, ୨୫୬ ବି.ଟେକ୍ ଓ ୩୬ ଜଣ ଦୁଆଲ୍ ଡିଗ୍ରୀଧାରୀ ଅନ୍ତର୍ଭୁକ୍ତ। ଶ୍ରେଷ୍ଠତ୍ୱ ପ୍ରଦର୍ଶନ ପାଇଁ ଚାଳିତବର୍ଷ ବିଟେକ୍ ବମ୍ପ୍ୟୁଟର ସାଇନ୍‌ସ ଓ ଇଞ୍ଜିନିୟରିଂର ଦିନେଶ ମହାନ୍ତିଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ସେହିପରି ଦୁଆଲ୍ ଡିଗ୍ରୀ ବ୍ୟାଚ୍‌ର ଶିଭମ୍ ହଣ୍ଡା,ଏମ୍‌ଟେକ୍‌ର ଶଶ୍ୱତ ବୁମାର ପଣ୍ଡା ଓ ଏମ୍‌ଏସ୍‌ସିରେ ହିତେଶ ଗୁପ୍ତ ନିର୍ଦ୍ଦେଶକ ସ୍ୱର୍ଣ୍ଣପଦକ ଗ୍ରହଣ କରିଥିଲେ। ସେହିପରି ବିଟେକ୍‌ରେ ୫, ଏମ୍‌ଟେକ୍ ୭ ଓ ଏମ୍‌ଏସ୍‌ସି ବ୍ୟାଚ୍‌ର ୫ ଜଣ ଛାତ୍ରଛାତ୍ରୀଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା।